# <u>ବାଲିଯାତ୍ରା କଟକ ଉତ୍ସବ-୨୦୨୪</u>

କଟକ ଐତିହାସିକ ବାଲିଯାତ୍ରା-୨୦୨୪, ଜିଲ୍ଲା ସଂସ୍କୃତି ପରିଷଦ ଆନୁକୂଲ୍ୟରେ ତା ୧୫-୧୧-୨୦୨୪ ରିଖ ଠାରୁ ତା ୨୨-୧୧-୨୦୨୪ ରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଯାଉଅଛି।

ଉକ୍ତ ବାଲିଯାତ୍ରାରେ ଇଚ୍ଛୁକ ଥିବା ସ୍ଥାନୀୟ ପଞ୍ଜୀକୃତ ଉଦ୍ୟୋଗୀ ବ୍ୟବସାୟୀ ,ବ୍ୟବସାୟିକ ଅନୁଷ୍ଠାନ, ସଂଘ ଆଦି ଯେଉଁମାନେ ଦୀର୍ଘ ୨୫ ବର୍ଷ ଧରି ପାରମ୍ପରିକ/କାରିଗରୀ ବ୍ୟବସାୟ କରିଆସୁଛନ୍ତି,କିନ୍ତୁ କୌଣସି କାରଣ ବଶତଃ ଏହି ବାଲିଯାତ୍ରା ସମୟରେ ପ୍ଲଟ ସଂରକ୍ଷଣ କରିପାରିନାହାନ୍ତି, ସେମାନଙ୍କ ନିମନ୍ତେ ପ୍ରଶାସନ କିଛି ପ୍ଲଟ ସଂରକ୍ଷଣ କରି ରଖିଅଛନ୍ତି। ତେଣୁ ସେମାନେ ପ୍ଲଟ ଆବେଦନ କରିବା ପାଇଁ ନିଜର ଆଧାର ପରିଚୟ ପତ୍ରର ନକଲ ଏବଂ ବିଗତ ବର୍ଷ ବାଲିଯାତ୍ରା ଉତ୍ସବ ଗୁଡିକର ରସିଦ କପି ସହିତ ଆବେଦନ କରିବା ନିମନ୍ତେ ଅନୁରୋଧ କରାଯାଉଛି।

ଆବେଦନକାରୀମାନଙ୍କୁ ସ୍ଥାନ/ପ୍ଲଟ ଆବଣ୍ଟନ କରାଯିବା ପାଇଁ ନିମ୍ନ ନିୟମାବଳୀ ପ୍ରସ୍ତୁତ କରାଯାଇଛି।ଏଠାରେ ପ୍ରକାଶ ଯୋଗ୍ୟ ଯେ ସଂରକ୍ଷିତ ପ୍ଲଟ ନିମନ୍ତେ ଯଦି ଅଧିକ ବ୍ୟକ୍ତି / ଅନୁଷ୍ଠାନ ଆବେଦନ କରନ୍ତି, ତେବେ ଯେଉଁ ବ୍ୟକ୍ତି/ ଅନୁଷ୍ଠାନ ଅଧିକ ବର୍ଷର ବ୍ୟବସାୟ କରିବାର ପ୍ରମାଣ ଦିଅନ୍ତି, ତାଙ୍କୁ ଅଗ୍ରାଧିକାର ଭିତରେ ପ୍ଲଟ ଆବଣ୍ଟନ କରାଯିବ।

| କ୍ର.ସଂଖ୍ୟା | ଆବେଦନ ଶେଷ ସମୟସୀମା | ସ୍ଥାନ/ପ୍ଲଟର ଆକାର | ପ୍ରତି ବର୍ଗ ଫୁଟ ପାଇଁ ଧାର୍ଯ୍ୟ ଦେୟ |
|---|---|---|---|
| ୧ | ୦୮-୧୧-୨୦୨୪(ଶୁକ୍ରବାର) | ୧୦ x ୧୦ ବର୍ଗ ଫୁଟ | ଟ. ୫୦/- |

ଆବେଦନକାରୀ ୱେବ୍ ସାଇଟ https://cuttack.odisha.gov.in କୁ ଯାଇ ସମ୍ପୂର୍ଣ୍ଣ ବିବରଣୀ ପାଇପାରିବେ।

ସ୍ୱା/-

ଜିଲ୍ଲାପାଳ ତଥା
ଅଧ୍ୟକ୍ଷ, ଜିଲ୍ଲା ସଂସ୍କୃତି ପରିଷଦ, କଟକ